# ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଭଦ୍ରକ

**ବିଜ୍ଞାପନ** ପତ୍ର ସଂଖ୍ୟା - ୮୬୦୬ ତା- ୧୪-୧୨-୨୦୨୩

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ ଭଦ୍ରକଙ୍କ ତରଫରୁ ୦୬ ଗୋଟି ଖାଲିଥିବା ପରିଚାରକ (Attendant) (ଗ୍ରୁପ୍-D) ପଦବୀ ପ୍ରାଥମିକତା ଭିତିରେ କାର୍ଯ୍ୟରତ ଗୋମିତ୍ର ମାନଙ୍କ ମଧ୍ଯରୁ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଖାଲିଥିବା ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ | ବର୍ଗ | ସିଧାସଳଖି ନିଯୁକ୍ତି | | | ମୋଟ ପଦବୀ |
|---|---|---|---|---|---|
| | | ପୁରୁଷ | ମହିଳା | ସାରିରିକ ଅକ୍ଷମ | |
| ୧ | SC (ଅନୁସୂଚୀତ ଜାତି) | - | - | - | - |
| ୨ | ST (ଅନୁସୂଚୀତ ଜନଜାତି) | ୦୨ | ୦୧ | - | ୦୩ |
| ୩ | Unreserve (ଅଣସଂରକ୍ଷିତ) | ୦୧ | ୦୧ | ୦୧ | ୦୩ |
| | ମୋଟ | ୦୩ | ୦୨ | ୦୧ | ୦୬ |

ଇଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥୀନି ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ (Chief District Veterinary Officer) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବେଦନ କରିବେ । ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

(୧) ଯୋଗ୍ୟତା-

(କ) (i) ପ୍ରାର୍ଥୀ/ ପ୍ରାର୍ଥୀନି ଓଡିଶା ସରକାରଙ୍କ ସ୍ଵୀକୃତି ପ୍ରାପ୍ତ ଶିକ୍ଷା ଅନୁଷ୍ଠାନ/ ବିଦ୍ୟାଳୟରୁ ମଧ ଇଂରାଜୀ ପରୀକ୍ଷା କିମ୍ବା ତତୁଲ୍ୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

(ii) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର କ୍ରମାଗତ ଭାବେ ୩ (ତିନି) ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ-ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ । ଏତଦ୍ ବ୍ୟତୀତ ବିଜ୍ଞାପନ ପ୍ରକାଶ ପାଇବା ସମୟରେ ଗୋମିତ୍ର ଭାବେ କାର୍ଯ୍ୟରତ ଥିବା ଆବଶ୍ୟକ ।

(ଖ) ପ୍ରାର୍ଥୀ/ ପ୍ରାର୍ଥୀନି ଭାରତର ନାଗରିକ ଓ ଭଦ୍ରକ ଜିଲ୍ଲା ସ୍ଥାୟୀ ବାସିନ୍ଦା ହୋଇଥିବେ ।

(ଗ) ପ୍ରାର୍ଥୀ/ ପ୍ରାର୍ଥୀନି ଓଡିଆ କହିପାରୁଥିବେ, ପଢି ପାରୁଥିବେ ଓ ଲେଖିପାରୁଥିବେ ।

(ଘ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ନୈତିକ ଉତ୍ତମ ଚରିତ୍ରଥିବା ଆବଶ୍ୟକ ।

(ଙ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ଏକାଧିକ ଜୀବିତ ସ୍ତ୍ରୀ/ ସ୍ଵାମୀ ନ ଥିବେ ।

(ଚ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ବୟସ ୧୮ ବର୍ଷରୁ କମ୍ ଏବଂ ୫୫ ବର୍ଷରୁ ଉର୍ଦ୍ଧ୍ଵ (୦୧.୦୧.୨୦୨୩ ସୁଦ୍ଧା) ହୋଇନଥିବା ଆବଶ୍ୟକ ।

(ଛ) ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟ ଜିଲ୍ଲାରେ ମଧ ନିୟୋଜିତ ହେବା ପାଇଁ ନିଜର ସହମତି/ ସ୍ଵୀକୃତି ଦେଇପାରିବେ ।

(୨) ଶାରୀରିକ ଦକ୍ଷତା-

(କ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ଉତ୍ତମ ମାନସିକ ଅବସ୍ଥା, ଉତ୍ତମ ଶାରୀରିକ ସ୍ଵାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୂଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସୀ ଶାରୀରିକ ଅକ୍ଷମତା ନ ଥିବା ଆବଶ୍ୟକ । ସ୍ଵାସ୍ଥ୍ୟଗତ ଡାକ୍ତରୀ ପରୀକ୍ଷାପରେ କୌଣସୀ ପ୍ରାର୍ଥୀ/ ପ୍ରାର୍ଥୀନି ଉପରୋକ୍ତ ସର୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁନଥିଲେ, ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ପଡିବେ ।

(ଖ) ପ୍ରାର୍ଥୀ/ ପ୍ରାର୍ଥୀନିଙ୍କର ଉତ୍ତମ ସ୍ଵାସ୍ଥ୍ୟ ସହିତ ଉଚ୍ଚତା 5' (ପାଞ୍ଚ ଫୁଟ) ରୁ କମ୍ ହୋଇନଥିବ । ପରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣସଂପ୍ରସାରିତ ଛାତି ମାପ 30" (ତିରିଶି ଇଂଚ) ହୋଇଥିବା ଆବଶ୍ୟକ । ମହିଳା ପ୍ରର୍ଥୀନିଙ୍କ କ୍ଷେତ୍ରରେ ଛାତି ମାପ ଆବଶ୍ୟକ ନୁହେଁ ।

(ଗ) ପ୍ରାର୍ଥୀ/ ପ୍ରାର୍ଥୀନି ଉତ୍ତମ ରୂପେ ସାଇକେଲ ଚଳାଇ ପାରୁଥିବେ ।

୩. ଚୟନ ପ୍ରକ୍ରିୟା-

**(କ) ଜିଲ୍ଲା ଚୟନ କମିଟି ଦ୍ଵାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗୋମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ପରୀକ୍ଷା ଦ୍ଵାରା** ପରିଚାଳକ (Attendant) ପଦ ପାଇଁ ଚୟନ କରାଯିବ ।

(ଖ) ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସୀ ଗୋଟିଏ ବର୍ଗର ଉପଯୁକ୍ତ ପ୍ରାର୍ଥୀନି ନ ମିଳନ୍ତି, ତାହେଲେ ସେହି ପଦବୀ ଉକ୍ତ ବର୍ଗର ଉପଯୁକ୍ତ ପ୍ରାର୍ଥୀ ମାନଙ୍କ ଦ୍ଵାରା ପୂରଣ କରାଯିବ ।

(ଗ) ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାଯ୍ୟାଳୟରେ ଡାକ ମାଧ୍ୟମରେ (Speed Post/ Courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ ଯୋଗ୍ୟ ଗୋମିତ୍ରଙ୍କ ଦ୍ଵାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ ଉଲ୍ଲେଖ କରିବା ଆବଶ୍ୟକ ।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ- ୩୦/୧୨/୨୦୨୩ ଅପରାହ୍ଣ ୫.୦୦ ଘଟିକା।**

ନିର୍ଦ୍ଧାରିତ ଶେଷ ତାରିଖର ଅପରାହ୍ଣ ୫ ଘଟିକା ସମୟ ସୁଦ୍ଧା ଦରଖାସ୍ତ ସମ୍ପୃକ୍ତ କାର୍ଯ୍ୟାଳୟରେ ନ ପହଂଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ/ ପ୍ରାର୍ଥୀନି ଡାକ ଦ୍ଵାରା ପଠାଇ ଥିବା ଦରଖାସ୍ତ ବିଳମ୍ବରେ ପହଂଚିଲେ କର୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଆବଶ୍ୟକ ପ୍ରମାଣ ପତ୍ର (attested copy) ନ ଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

ପ୍ରକାଶ ଥାଉକି, ଯେକୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ଵାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି ।

ସ୍ଵା-ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ
ଭଦ୍ରକ

ସ୍ଵା-ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ
**ଭଦ୍ରକ**

## ଦରଖାସ୍ତ ଫର୍ମ

## (ଦରଖାସ୍ତ କେବଳ ଆବେଦନକାରୀଙ୍କ ଦ୍ୱାରା ପୂରଣ ହେବ)

ଫଟୋ ସଂଲଗ୍ନ କରାଜିବ

୧. ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ନାମ-

୨. ପିତା/ ସ୍ୱାମୀଙ୍କ ନାମ-

୩. ସ୍ଥାୟୀ ଠିକଣା- ଗ୍ରାମ............ପୋଷ୍ଟ.................
ଭାୟା...............ଜିଲ୍ଲା.................
ପିନ୍...............

୪. ଯୋଗାଯୋଗ ଠିକଣା- ଗ୍ରାମ............ପୋଷ୍ଟ.................
ଭାୟା...............ଜିଲ୍ଲା.................
ପିନ୍..............., ମୋବାଇଲ ନଂ.............

୫. ଜାତୀୟତା-

୬. ଜନ୍ମ ତାରିଖ-

୭. ଶିକ୍ଷାଗତ ଯୋଗ୍ୟତା-

୮. ଉଚ୍ଚତା- ଛାତି ଅଣସଂପ୍ରସାରିତ-

୯. ଜାତି (SC/ST/GEN)

୧୦. ବିବାହିତ / ଅବିବାହିତ-

୧୧. ପରୁଷ/ ସ୍ତ୍ରୀ-

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପର ଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ତାରିଖ- ଅବେଦନକାରୀଙ୍କ ସ୍ୱାକ୍ଷର

**ଆବେଦନ ପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର-**

୧. ନିଜର ଦୁଇଗୋଟି ଆଟେଷ୍ଟେଡ୍ ହୋଇଥିବା ପାସପୋର୍ଟ ସାଇଜ ଫଟୋଗ୍ରଫ୍ । ତନ୍ମଧ୍ୟରୁ ଏକ ଗୋଟି ଫଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠା ଦେଇ ସଂଲଗ୍ନ କରାଯିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଅବିକଳ ନକଲ ।

୩. ବୟସ ପ୍ରମାଣ ପତ୍ରର ଆଟେଷ୍ଟେଡ କପି ।

୪. ସ୍ଥାନୀୟ ତହସିଲ୍‌ଦାରଙ୍କ ଠାରୁ ହାଲ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି ।

୫. ବୈଧ ପରିଚୟ ପତ୍ରର ଆଟେଷ୍ଟେଡ୍ କପି ।

୬. ଜାତିଗତ ପ୍ରମାଣ ପତ୍ର (SC/ST) (ସ୍ଥାନୀୟ ତହସିଲ୍‌ଦାରଙ୍କ ଠାରୁ) ।

୭. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ୍ ଅଫିସରଙ୍କ ଠାରୁ ଯେକି ପ୍ରାର୍ଥୀ/ ପ୍ରାର୍ଥୀନିଙ୍କ ସମ୍ପର୍କୀୟ ହୋଇନଥିବେ ।

୮. ଗୋମିତ୍ର ପ୍ରାର୍ଥୀ/ ପ୍ରାର୍ଥୀନି ସମ୍ପୃକ୍ତ ବ୍ଲକର ଉପନିର୍ଦ୍ଦେଶକ/ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ ହାସଲ କରିଥିବା କୃତ୍ରିମ ପ୍ରଜନନ ପ୍ରୟୋଗ କାର୍ଯ୍ୟ କ୍ଷେତ୍ରରେ ତିନି ବର୍ଷ (NPCBB) ଓ ତତୋଧିକ ସନ୍ତୋଷଜନକ କାର୍ଯ୍ୟ କୁଶଳାତାର ଅନୁଭୂତି ପ୍ରମାଣ ପତ୍ରର ଆଟେଷ୍ଟେଡ୍ କପି । ସବୁ ଆଟେଷ୍ଟେଡ୍ କପିରେ ପ୍ରାର୍ଥୀ ବା ପ୍ରାର୍ଥୀନି ନିଜେ ସ୍ୱାକ୍ଷର କରିବା ଆବଶ୍ୟକ ।